**<u>ସୂଚିତଯୋଗ୍ୟ</u>**

ଭାରତର ସର୍ବୋଚ୍ଚ ନ୍ୟାୟାଳୟ

ଦେୱାନୀ ଆବେଦନ ଅଧିକାରିତା

**<u>ଦେୱାନୀ ଆବେଦନ ସଂଖ୍ୟା ୪୯୧୪/୨୦୧୬</u>**

**(ଏସ୍.ଏଲ୍.ପି.(ସି) ସଂଖ୍ୟା ୯୯୯୭/୨୦୧୬ ରୁ ଉତ୍ପନ୍ନ)**

ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ... ଆବେଦନକାରୀ

ବନାମ

କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ
(କିମ୍ସ) ଏବଂ ଅନ୍ୟମାନେ ...ଉତ୍ତରଦାତାମାନେ

## <u>ରାୟ</u>

**<u>ମଦନ ବି. ଲୋକୁର, ନ୍ୟାୟମୂର୍ତ୍ତି</u>**

୧. ଅନୁମତି ପ୍ରଦାନ କରାଗଲା ।

୨. ଏହି ଆବେଦନ ମେଡ଼ିକାଲ କଲେଜ ଗୁଡ଼ିକରେ ନାମଲେଖା ସମ୍ବନ୍ଧୀୟ ଘୃଣ୍ୟ କାହାଣୀର ଆଉ ଏକ ଅଧ୍ୟାୟ । ନିଃସନ୍ଦେହରେ, ମେଡ଼ିକାଲ କଲେଜଗୁଡ଼ିକର ସ୍ଥିତିରେ କିଛି ନା କିଛି ଖରାପ ସ୍ଥିତି ରହିଛି । ଯଦି ଭାରତ ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟଗୁଡ଼ିକ ମେଡ଼ିକାଲ କଲେଜଗୁଡ଼ିକରେ ସମସ୍ତ ଆବଶ୍ୟକୀୟ ସୁବିଧା, ନିଦାନିକ ସାମଗ୍ରୀ, ଶିକ୍ଷକ, କର୍ମଚାରୀ, ରହଣି ଇତ୍ୟାଦି ସୁନିଶ୍ଚିତ କରିବାରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ ନ କରନ୍ତି, ତେବେ ଆମ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ଆଗାମୀ ବର୍ଷଗୁଡ଼ିକରେ ସ୍ୱଳ୍ପ ଶିକ୍ଷିତ ଡାକ୍ତରଙ୍କ କାରଣରୁ ପ୍ରଭାବିତ

ହେବ । ଡାକ୍ତରୀ ଶିକ୍ଷାରେ ଗୁଣବତ୍ତା ପରିମାଣ ଅପେକ୍ଷା, ଯଦିଓ ଅଧିକ ନୁହେଁ, ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ।

୩. ଉତ୍ତରଦାତା କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍ (ସଂକ୍ଷେପରେ କିମ୍ସ୍) ଏକ ସ୍ୱୀକୃତିପ୍ରାପ୍ତ ମେଡିକାଲ୍ କଲେଜ । ପ୍ରତିବର୍ଷ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଏମ୍.ବି.ବି.ଏସ. ପାଠ୍ୟକ୍ରମରେ ସାମିଲ କରିବାର ଅଧିକାର ଏହାଙ୍କର ରହିଛି ।

୪. ୨୦୧୪-୧୫ ଶିକ୍ଷାବର୍ଷ  ପାଇଁ, ଏହାଙ୍କ ପୂର୍ବ ଅଧିକୃତ ୧୦୦ ଜଣ ଛାତ୍ରଙ୍କ ବାଦ୍ ଅତିରିକ୍ତ ୫୦ ଜଣ ଛାତ୍ରଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିଲା ।

୫. କିମ୍ସ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ୧୦୦ ପରେ ଆଉ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିବାକୁ ଚାହୁଁଥିଲା । ବର୍ଦ୍ଧିତ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ ହେବା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ମେଡ଼ିକାଲ କାଉନସିଲ୍ ଅଫ୍ ଇଣ୍ଡିଆ (ସଂକ୍ଷେପରେ 'ଏମ୍.ସି.ଆଇ.') ଦ୍ୱାରା ଭାରତୀୟ ମେଡ଼ିକାଲ ପରିଷଦ ପ୍ରତିଷ୍ଠାନ ମେଡ଼ିକାଲ କଲେଜ ବିନିୟମ, ୧୯୯୯ ଅନୁଯାୟୀ ଏକ ଯାଞ୍ଚ କରାଯିବା ଆବଶ୍ୟକ ଥିଲା ।

୬. ଫଳସ୍ୱରୂପ ଏମ୍.ସି.ଆଇ. ର ଏକ ଅନୁସନ୍ଧାନକାରୀ ଦଳ ଦ୍ୱାରା ୨୭ ଏବଂ ୨୮ ଜାନୁୟାରୀ, ୨୦୧୫ ରେ ଏକ ଯାଞ୍ଚ କରାଯାଇଥିଲା ଯାହା ଅତ୍ୟନ୍ତ ଦୁଃଖର ବିଷୟ ପ୍ରକାଶ କରିଥିଲା । ଅନୁସନ୍ଧାନକାରୀ ଦଳ ଦ୍ୱାରା ବହୁ ସଂଖ୍ୟକ ଗୁରୁତର ତ୍ରୁଟି ଦର୍ଶାଯାଇଥିଲା ଏବଂ ଏମ୍.ସି.ଆଇ କୁ ଅବଗତ କରାଯାଇଥିଲା । ଏହା ପରେ, ଏମ୍.ସି.ଆଇ ଦ୍ୱାରା ୩୧ ଜାନୁୟାରୀ, ୨୦୧୫ ରେ କିମ୍ସ ର ଡିନ୍ ଅଧକ୍ଷଙ୍କୁ ପଠାଯାଇଥିବା ଏକ ଯୋଗାଯୋଗରେ

ତ୍ରୁଟି ଗୁଡ଼ିକ ସୂଚିତ କରାଯାଇଥିଲା ଏବଂ କିମ୍ସ କୁ ସୂଚନା ଦିଆଯାଇଥିଲା ଯେ ଏହା ଦ୍ୱାରା ପରିଚାଳିତ ପାଠ୍ୟକ୍ରମ ଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ପାଇଁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଯାହା ହେଉନା କାହିଁକି, ଏମ୍.ସି.ଆଇ. ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ଏମ୍.ବି.ବି.ଏସ୍. ରେ ଅତିରିକ୍ତ ୫୦ ଆସନ ଯୋଡିବାକୁ କିମ୍ସକୁ ଅନୁମତି ନଦେବାକୁ  ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ) ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରି ଏକ ନିଷ୍ପତ୍ତି ନେଇଥିଲେ ।

୭. ଆମେ ଏମ୍.ସି.ଆଇ. ର ବିଦ୍ୱାନ ଓକିଲଙ୍କ ଠାରୁ ଯାଞ୍ଚ କରିବାର ପ୍ରକ୍ରିୟା ବିଷୟରେ ପଚାରି ବୁଝିଥିଲୁ । ଆବେଦନ ପତ୍ର – ପୁସ୍ତିକାର ପୃଷ୍ଠା 'ଜେ' ପ୍ରତି ବିଦ୍ୱାନ ପରାମର୍ଶଦାତାଙ୍କ ଦ୍ୱାରା ଆମର ଧ୍ୟାନ ଆକର୍ଷିତ ହୋଇଥିଲା, ଯେଉଁଥିରେ ଏହା କୁହାଯାଇଛି (ଏବଂ ଅସ୍ୱୀକାର କରାଯାଇ ନାହିଁ) ଯେ ତିନି ଜଣ ନିରପେକ୍ଷ ପ୍ରଫେସରଙ୍କ ଏକ ଦଳ ଦ୍ୱାରା ଏକ ଯାଞ୍ଚ କରାଯାଇଛି । ଏମାନଙ୍କ ମଧ୍ୟରୁ ଜଣେ ସଂଯୋଜକ ଏବଂ ଅନ୍ୟ ଦୁଇଜଣ କେବଳ ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନର ବିଶିଷ୍ଟ ଡାକ୍ତରୀ ପ୍ରଫେସରମାନଙ୍କର ଏକ ଅନୁମୋଦିତ ତାଲିକାରୁ ନିଆଯାଇଛନ୍ତି । ଉଲ୍ଲେଖ କରାଯାଇଥିବା କେତେକ ଅନୁଷ୍ଠାନ ମଧ୍ୟରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ସ୍ନାତକୋତ୍ତର ସଂସ୍ଥାନ, ଚଣ୍ଡିଗଡ଼, ମୌଲାନା ଆଜାଦ ମେଡ଼ିକାଲ କଲେଜ (ଦିଲ୍ଲୀ), ସଫଦରଜଙ୍ଗ କଲେଜ (ଦିଲ୍ଲୀ), ମେଡ଼ିକାଲ କଲେଜ (କୋଲକାତା), ମାଡ୍ରାସ ମେଡ଼ିକାଲ କଲେଜ (ଚେନ୍ନାଇ), ଓସମାନିଆ ମେଡ଼ିକାଲ କଲେଜ (ହାଇଦ୍ରାବାଦ), ଗ୍ରାଣ୍ଟ ମେଡ଼ିକାଲ କଲେଜ (ମୁମ୍ବାଇ), ଜି.ଏସ. ମେଡ଼ିକାଲ କଲେଜ (ମୁମ୍ବାଇ), ବାଙ୍ଗାଲୋର ମେଡ଼ିକାଲ କଲେଜ (ବେଙ୍ଗାଲୁରୁ) ଇତ୍ୟାଦି ରହିଛି । ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ

ଯେ କେବଳ ମେଡ଼ିକାଲ କଲେଜଗୁଡ଼ିକ ଅତ୍ୟନ୍ତ ପ୍ରତିଷ୍ଠିତ ନୁହେଁ, ବରଂ ଏହା ମଧ୍ୟ କୁହାଯାଇଛି ଯେ ଏହି କଲେଜଗୁଡ଼ିକର ପ୍ରଫେସରମାନେ ହେଉଛନ୍ତି ବିଶିଷ୍ଟ ମେଡ଼ିକାଲ ପ୍ରଫେସର, ଯେଉଁମାନଙ୍କୁ କମ୍ପ୍ୟୁଟର ସଫ୍ଟୱେୟାର୍ ଦ୍ୱାରା କ୍ରମ ରହିତ ଭାବେ ସଂଯୋଜକ ଏବଂ ନୀରିକ୍ଷକ ମାନଙ୍କ ତାଲିକାରୁ ଚୟନ କରାଯାଇଥାଏ ।

୮. ***ମନୋହର ଲାଲ ଶର୍ମା ବନାମ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ*** [1] ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ପ୍ରତି ମଧ୍ୟ ଆମର ଧ୍ୟାନ ଆକର୍ଷଣ କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଯେହେତୁ ଯାଞ୍ଚ "ଏହି କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା ନିର୍ବିବାଦିତ ସଚ୍ଚୋଟ ଏବଂ ପ୍ରତିଷ୍ଠିତ ଡାକ୍ତରମାନଙ୍କ ଦ୍ୱାରା ନିଆଯାଏ, ତେଣୁ ଏପରି ଯାଞ୍ଚର ବିବୃତିକୁ ପରିତ୍ୟାଗ କରିବାର କୌଣସି କାରଣ ନାହିଁ ।" ବର୍ତ୍ତମାନର ଆବେଦନରେ, କିମ୍ସ ଦ୍ୱାରା ଯାଞ୍ଚ ଦଳର କୌଣସି ଅସଦ୍ ଭାବନା କିମ୍ବା ଯାଞ୍ଚ ରିପୋର୍ଟରେ କୌଣସି ବିକୃତି ଅଭିଯୋଗ କରାଯାଇ ନାହିଁ ଏବଂ ତେଣୁ ଏହାର ମୂଲ୍ୟାଙ୍କନରେ ଏକ ନିରପେକ୍ଷ, କ୍ରମ ରହିତ ଭାବରେ ମନୋନୀତ ଯାଞ୍ଚ ଦଳର ସିଦ୍ଧାନ୍ତକୁ ଆପତ୍ତି କରିବାର କୌଣସି ପ୍ରଶ୍ନ ଉଠୁନାହିଁ ।

୯. ଉପରେ ଉଲ୍ଲେଖ କରାଯାଇଥିବା ପରି, ଯାଞ୍ଚ ବିବୃତି ଏବଂ ଏମ୍.ସି.ଆଇ. ର ନିଷ୍ପତ୍ତି କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିଲା । ଉପଲବ୍ଧ ତଥ୍ୟ ଉପରେ ବିଚାର କରି, କେନ୍ଦ୍ର ସରକାର ୧୫ ଜୁନ, ୨୦୧୫ ରେ କିମ୍ସ ର ଡିନ୍ ଅଧ୍ୟକ୍ଷଙ୍କୁ ଏକ ପତ୍ର ପଠାଇ ଏମ୍.ବି.ବି.ଏସ୍. ପାଠ୍ୟକ୍ରମର ଦ୍ୱିତୀୟ ବ୍ୟାଚରେ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ଧାରଣ କ୍ଷମତା ସଂଖ୍ୟା ୧୦୦ ରୁ ୧୫୦ କୁ ବୃଦ୍ଧି କରାଯାଇଥିବା ଆସନରେ କୌଣସି ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି ନକରିବାକୁ

[1] (୨୦୧୩) ୧୦ ଏସସିସି ୬୦

ନିର୍ଦ୍ଦେଶ ଦେଇଥିଲେ । ୧୫ ଜୁନ, ୨୦୧୫ ରେ କିମ୍ସ ର ଡିନ୍ ଅଧ୍ୟକ୍ଷଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପଠାଯାଇଥିବା ଚିଠିର ବିଷୟ ନିମ୍ନରେ ଦିଆଗଲା:

> "୨୦୧୫-୧୬ ଶିକ୍ଷାବର୍ଷ ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସେସ, ଭୁବନେଶ୍ୱର ରେ ୧୦୦ ରୁ ୧୫୦ କୁ ବର୍ଦ୍ଧିତ କ୍ଷମତା ବିଶିଷ୍ଟ ଆସନରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମର ଦ୍ୱିତୀୟ ବ୍ୟାଚର ନାମଲେଖା ପାଇଁ ଅନୁମତି ନବୀକରଣ ନକରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରି ହୋଇଥିବା ତା ୦୧.୦୪.୨୦୧୫ ରିଖର ଏମସିଆଇ ପତ୍ରକୁ ଉଲ୍ଲେଖ କରିବାକୁ ଏବଂ କେନ୍ଦ୍ର ସରକାର ଏମ୍.ସି.ଆଇ. ର ସୁପାରିଶକୁ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିବାକୁ ମୁଁ ନିର୍ଦ୍ଦେଶିତ ।
>
> ୨. ତେଣୁ ୧୦୦ ରୁ ୧୫୦ କୁ ବର୍ଦ୍ଧିତ ହୋଇଥିବା ଆସନରେ ଏମ.ବି.ବି.ଏସ୍. ପାଠ୍ୟକ୍ରମର ଦ୍ୱିତୀୟ ବ୍ୟାଚରେ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ କୌଣସି ଛାତ୍ରଙ୍କୁ ଭର୍ତ୍ତି ନକରିବାକୁ ଆପଣଙ୍କୁ  ନିର୍ଦ୍ଦେଶ ଦିଆଯାଇଛି । ୨୦୧୬-୧୭ ବର୍ଷ ପାଇଁ ବର୍ଦ୍ଧିତ ଆସନ ବିରୁଦ୍ଧରେ ପରବର୍ତ୍ତୀ ବ୍ୟାଚ ଛାତ୍ରମାନଙ୍କ ନାମଲେଖା କେବଳ କେନ୍ଦ୍ର ସରକାରଙ୍କ ଅନୁମତି ପାଇବା ପରେ କରାଯିବ ।
>
> ୩. ଏ ସଂକ୍ରାନ୍ତରେ ଯେକୌଣସି ନାମଲେଖା ଅନିୟମିତ ବୋଲି ବିବେଚନା କରାଯିବ ଏବଂ ଆଇ.ଏମ୍.ସି. ଅଧିନିୟମ, ୧୯୫୬ ଏବଂ ଏହା ଅଧୀନରେ କରାଯାଇଥିବା ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
>
> ୪. ଆହୁରି ମଧ୍ୟ,  ମେଡ଼ିକାଲ କଲେଜ ନିୟାମକ ପ୍ରତିଷ୍ଠା (ସଂଶୋଧନ), ୨୦୧୦ ର ଖଣ୍ଡ ୮ (୩) (୧) (ଗ) ଏବଂ (ଘ) କୁ ଲାଗୁ କରିବା ପାଇଁ ମଧ୍ୟ ଏମ୍. ସି. ଆଇ. ସୂଚନା ଦେଇଛି ।"

୧୦. ଏହି ବିପକ୍ଷ ନିଷ୍ପତ୍ତିରେ ବ୍ୟଥିତ ହୋଇ କିମ୍ସ୍ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କଠାରେ ଏକ ରିଟ୍ ଆବେଦନ ଯଥା ଡବ୍ଲ୍ୟୁ.ପି. (ସି) ସଂଖ୍ୟା ୧୫୬୮୫/୨୦୧୫ ଆଗତ କରିଥିଲା । ୧୪ ସେପ୍ଟେମ୍ବର, ୨୦୧୫ ରେ ଏହି ରିଟ୍ ଆବେଦନର ବିଚାର କରାଯାଇଥିଲା, ଯେତେବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୫ ଜୁନ୍, ୨୦୧୫ ରେ ଦିଆଯାଇଥିବା ନିର୍ଦ୍ଦେଶକୁ ଏହି ଆଧାରରେ ଖାରଜ କରିଦିଆଯାଇଥିଲା ଯେ ସେହି ଆଦେଶ ପାରିତ ହେବା ପୂର୍ବରୁ କିମ୍ସ କୁ

କୌଣସି ଶୁଣାଣି କରାଯାଇ ନଥିଲା । ଏହାପରେ ଉଚ୍ଚ ନ୍ୟାୟାଳୟ କିମ୍ସ କୁ ସମସ୍ତ ଦସ୍ତାବିଜଗତ ପ୍ରମାଣ ସହିତ ୧୮ ସେପ୍ଟେମ୍ବର, ୨୦୧୫ ରେ ସ୍ୱାସ୍ଥ୍ୟ ଏବଂ ପରିବାରକଲ୍ୟାଣ ବିଭାଗରେ ଭାରତ ସରକାରଙ୍କ ସଚିବ କିମ୍ବା ଅନ୍ୟ କୌଣସି ପ୍ରାଧିକୃତ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଅଧିକାରୀଙ୍କୁ କିମ୍ସ କୁ ଶୁଣିବା, କିମ୍ସର ଅନୁପାଳନ ବିବୃତି ଏବଂ ଏମ୍.ସି.ଆଇ. ର ମତାମତ ଉପରେ ବିଚାର କରିବା ପରେ ଆବଶ୍ୟକ ଆଦେଶ ପାରିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

୧୧. ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ପାଳନ କରି ଏକ ଶୁଣାଣି ସମିତି ଦ୍ୱାରା କିମ୍ସ୍ କୁ ଏକ ଶୁଣାଣି କରାଯାଇଥିଲା । ଏହା ପରେ, କେନ୍ଦ୍ର ସରକାର ୨୪ ସେପ୍ଟେମ୍ବର, ୨୦୧୫ ରେ ଏକ ଆଦେଶ ପାରିତ କରିଥିଲେ ଯାହା ନିମ୍ନମତେ ପାଳନ କରାଯାଇଥିଲା:

> *"କଲେଜକୁ ପୂର୍ବରୁ ତା ୧୨.୦୩.୨୦୧୫ ରିଖରେ ଶୁଣାଣି ସୁଯୋଗ ଦିଆଯାଇଥିଲା । କଲେଜ ଦ୍ୱାରା ଦାଖଲ କରାଯାଇଥିବା ଅନୁପାଳନ ଗତ ଥର ଭଳି ସମାନ । ଯଦିଓ କଲେଜଟି ତ୍ରୁଟିଗୁଡ଼ିକୁ ସଂଶୋଧନ କରିଥିବା ଦାବି କରୁଛି, ଏହା କେବଳ ଏମ୍.ସି.ଆଇ. ଦ୍ୱାରା ବସ୍ତୁଗତ ମୂଲ୍ୟାଙ୍କନ ମାଧମରେ ଯାଞ୍ଚ କରାଯାଇପାରିବ ।*
>
> *ଏହି ଦୁର୍ବଳତା ଗୁଡ଼ିକ କ୍ଷମଣୀୟ ନୁହେଁ ।କେବଳ କଲେଜ ଦ୍ୱାରା ଦାଖଲ କରାଯାଇଥିବା ଦସ୍ତାବିଜଗୁଡ଼ିକ ତ୍ରୁଟିର ସଂଶୋଧନ ପାଇଁ ଯଥେଷ୍ଟ ଆତ୍ମବିଶ୍ୱାସ ସୃଷ୍ଟି କରେ ନାହିଁ । ତେଣୁ, ଏହି ସମିତି ୨୭ ଏବଂ ୨୮ ଜାନୁଆରୀ ୨୦୧୫ ତାରିଖର ଏମ୍.ସି.ଆଇ. ମୂଲ୍ୟାଙ୍କନକାରୀଙ୍କ ମୂଲ୍ୟାଙ୍କନ ବିବୃତି ଏବଂ କଲେଜର ପ୍ରତିନିଧିମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନୁପାଳନ ରିପୋର୍ଟ ଉପରେ ବିଚାର କରିଛି ଏବଂ ନିଷ୍ପତ୍ତି ନେଇଛି ଯେ ମନ୍ତ୍ରଣାଳୟ ଏମ୍.ସି.ଆଇ. ର ସୁପାରିଶକୁ ଗ୍ରହଣ କରିପାରନ୍ତି ।"*

୧୨. ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଏବଂ ଏମ୍.ସି.ଆଇ. ର ସୁପାରିଶକୁ ବିଚାରକୁ ନେଇ, କେନ୍ଦ୍ର ସରକାର କିମ୍ସ ରେ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ୧୦୦ ରୁ ୧୫୦

କୁ ବର୍ଦ୍ଧିତ କ୍ଷମତା ବିଶିଷ୍ଟ ଆସନରେ ଏମ୍.ବି.ବି.ଏସ୍. ର ଦ୍ୱିତୀୟ ବ୍ୟାଚ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରିବା ପାଇଁ ଅନୁମତି ନବୀକରଣ ନକରିବାକୁ ନିଷ୍ପତ୍ତି ନେଇଥିଲେ ।

୧୩. ଏହାପରେ ୨୦୧୫ ସେପ୍ଟେମ୍ବର ୨୫ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ରିଟ୍ ଆବେଦନର ଶୁଣାଣି କରିଥିଲେ । ଉଚ୍ଚ ନ୍ୟାୟାଳୟ ମାମଲାର ତଥ୍ୟକୁ ବିଚାର କରିଥିଲେ ଏବଂ ***ରାଜୀବ ମେମୋରିଆଲ୍ ଏକାଡେମିକ୍ ୱେଲଫେୟାର ସୋସାଇଟି ବନାମ ଭାରତ ସଂଘ***[2] (ଯାହା ମାମଲାର ପରିସ୍ଥିତି ଅନୁଯାୟୀ ଆବେଦନରେ ନିର୍ଣ୍ଣୟ ନିଆଯାଇଥିଲା ଏବଂ ଏକ ସାଧାରଣ ନିର୍ଦ୍ଦେଶ ନଥିଲା) ଏବଂ *ଅନ୍ୟାନ୍ୟ ବିଷୟ ମଧ୍ୟରେ* କେରଳ ଉଚ୍ଚ ନ୍ୟାୟାଳୟଙ୍କ ଏକ ନିର୍ଣ୍ଣୟ ଉପରେ ନିର୍ଭରଶୀଳତା ରଖି ନିର୍ଦ୍ଦେଶ ଦେଇଥିଲେ ଯେ କେନ୍ଦ୍ର ସରକାର ୨୦୧୫-୧୬ ଶିକ୍ଷାବର୍ଷରେ ଅତିରିକ୍ତ ୫୦ ଜଣ ଛାତ୍ରଙ୍କ ପାଇଁ ପାଠ୍ୟକ୍ରମ ପରିଚାଳନା କରିବାକୁ କିମ୍ସ କୁ ଅସ୍ଥାୟୀ ଅନୁମତି ପ୍ରଦାନ କରିବେ । ଏହି ନିର୍ଦ୍ଦେଶ ଦେବା ସମୟରେ ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ନାମଲେଖା ୩୦ ସେପ୍ଟେମ୍ବର, ୨୦୧୫ ସୁଦ୍ଧା ଶେଷ କରିବାର ଆବଶ୍ୟକତା ରହିଛି । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ ରିଟ୍ ଆବେଦନରେ ପାରିତ ପରବର୍ତ୍ତୀ ଆଦେଶ ଅନୁଯାୟୀ ହେବ ଏବଂ ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ପ୍ରଦତ୍ତ ଅନୁମତି ଆଧାରରେ କିମ୍ସ୍ କିମ୍ବା କୌଣସି ଛାତ୍ର କୌଣସି ନ୍ୟାୟ ଦାବି କରିବେ ନାହିଁ ।

---

[2] ୨୦୧୬ (୩) ସ୍କେଲ ୧୮୪

୧୪. ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଅବଶ୍ୟ ପାଳନୀୟ ନିର୍ଦ୍ଦେଶ ଅନୁଯାୟୀ, କେତେକ ସର୍ତ୍ତ ସହିତ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ୧୦୦ ରୁ ୧୫୦ କୁ ବର୍ଦ୍ଧିତ ଆସନରେ ଦ୍ୱିତୀୟ ବ୍ୟାଚ ପାଇଁ ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ପରିଚାଳନା କରିବାକୁ କିମ୍ସ କୁ ଅସ୍ଥାୟୀ ଅନୁମତି ପ୍ରଦାନ କରି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୮ ସେପ୍ଟେମ୍ବର, ୨୦୧୫ ରେ ଏକ ଆଦେଶ ପାରିତ କରିଥିଲେ । ଏଥିମଧ୍ୟରୁ ଗୋଟିଏ ସର୍ତ୍ତ ଥିଲା ଯେ କିମ୍ସ ନାମ ଲେଖାଇଥିବା ଛାତ୍ରମାନଙ୍କୁ ଏହା ସ୍ପଷ୍ଟ କରିବ ଯେ ସେମାନଙ୍କର ନାମଲେଖା ରିଟ୍ ଆବେଦନର ଫଳାଫଳ ଉପରେ ନିର୍ଭର କରେ । ଏହି ନିର୍ଣ୍ଣୟର ପରିଣାମ ସ୍ୱରୂପ, କିମ୍ସ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ଏମ.ବି.ବି.ଏସ୍. ପାଠ୍ୟକ୍ରମରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିଥିଲା । ଏହି ଆବେଦନରେ ଏହି ଛାତ୍ରମାନଙ୍କୁ ଆମ ସମ୍ମୁଖରେ ପ୍ରତିନିଧିତ୍ୱ କରାଯାଇଛି ଏବଂ ଶୁଣାଣି କରାଯାଇଛି ।

୧୫. ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରାଯାଇପାରେ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୫ ସେପ୍ଟେମ୍ବର, ୨୦୧୫ ରେ ପାରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ବିରୁଦ୍ଧରେ ଏମ୍.ସି.ଆଇ. ଏହି ନ୍ୟାୟାଳୟରେ ଏକ ଆବେଦନ ଆଗତ କରିଥିଲେ ଯାହା ୧୩ ଅକ୍ଟୋବର, ୨୦୧୫ ରେ ବିଚାର ପାଇଁ ଆସିଥିଲା । ଏସ୍.ଏଲ୍.ପି.(ସି) ସଂଖ୍ୟା ୨୮୩୧୨/୨୦୧୫ ଥିବା ଏହି ଆବେଦନରେ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯାଇଥିଲା ଏବଂ ୨୫ ସେପ୍ଟେମ୍ବର,୨୦୧୫ ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ସ୍ଥଗିତ ରଖାଯାଇଥିଲା ଏବଂ ଯେଉଁ ତାରିଖରେ ଆକ୍ଷେପିତ ଆଦେଶ ପାରିତ ହୋଇଥିଲା (୨୫

ସେପ୍ଟେମ୍ବର, ୨୦୧୫) ସେହି ତାରିଖ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

୧୬. ଯାହା ହେଉ, ଯେତେବେଳେ ଏମ୍.ସି.ଆଇ. ଦ୍ୱାରା ଦାଖଲ ହୋଇଥିବା ଆବେଦନ ୪ ନଭେମ୍ବର, ୨୦୧୫ ରେ ବିଚାର ପାଇଁ ଆସିଥିଲା, ସେତେବେଳେ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ବିଚାରାଧୀନ ରିଟ୍ ଆବେଦନର ଶୀଘ୍ର ଶୁଣାଣି କରିବାକୁ ଚେଷ୍ଟା କରିବା ଉଚିତ୍ । ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଯେ ପୂର୍ବରୁ ୧୩ ଅକ୍ଟୋବର, ୨୦୧୫ ରେ ପାରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ, ଉଚ୍ଚ ନ୍ୟାୟାଳୟ ରିଟ୍ ପିଟିସନରେ ନିଷ୍ପତ୍ତି ନେଇଥିବା ପର୍ଯ୍ୟନ୍ତ ଜାରି ରହିବ ।

୧୭. ଯେତେବେଳେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ରିଟ୍ ଆବେଦନ ପୁନର୍ବାର ଗ୍ରହଣ କରାଯାଇଥିଲା, କିମ୍ସ୍ ଦ୍ୱାରା ଏକ ସଂଶୋଧନ ଆବେଦନ ଦାଖଲ କରାଯାଇଥିଲା ଏବଂ ସଂଶୋଧନକୁ ଅନୁମତି ଦିଆଯାଇଥିଲା ।ଏହି ସଂଶୋଧନର ବିସ୍ତୃତ ବିବରଣୀକୁ ଯିବାର ଆବଶ୍ୟକତା ନାହିଁ କାରଣ ଏହି ଆବେଦନରେ ଏହାର କୌଣସି ପ୍ରଭାବ ନାହିଁ ।

୧୮. ଯାହା ହେଉ, ଯେତେବେଳେ ୩  ଡିସେମ୍ବର ୨୦୧୫ ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ଆବେଦନର ତ୍ୱରାନ୍ୱିତ ବିଚାର ପାଇଁ ନିଆଯାଇଥିଲା, ସେତେବେଳେ ଏହା ଉଲ୍ଲେଖ କରାଯାଇଥିଲା ଯେ ୨୫ ସେପ୍ଟେମ୍ବର, ୨୦୧୫ ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ୨୮ ସେପ୍ଟେମ୍ବର, ୨୦୧୫ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ଅସ୍ଥାୟୀ ଅନୁମତି ଅନୁଯାୟୀ କିମ୍ସ ଦ୍ୱାରା ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି

କରାଯାଇଥିଲା । ନାମଲେଖା ଅବଶ୍ୟ ରିଟ୍ ଆବେଦନର ଫଳାଫଳ ଉପରେ ନିର୍ଭର କରୁଥିଲା । ଏହା ପରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ ଆବଶ୍ୟକ ସତ୍ୟପାଠ ଦାଖଲ କରାଯାଉ ଏବଂ ଏହି ସମୟରେ କିମ୍ସକୁ ଯାଞ୍ଚ କରିବା ପାଇଁ ଏକ ନୂତନ ଯାଞ୍ଚ ଦଳ ଗଠନ କରିବାକୁ ଏମ୍.ସି.ଆଇ. କୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ପୂର୍ବ ଯାଞ୍ଚରେ ଦର୍ଶାଯାଇଥିବା ତ୍ରୁଟିଗୁଡ଼ିକର କିମ୍ସ ଦ୍ୱାରା ଦାବି କରାଯାଇଥିବା ଅନୁପାଳନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଓଡ଼ିଶା ସରକାରଙ୍କ ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ ମଧ୍ୟ ଯାଞ୍ଚରେ ଅଂଶଗ୍ରହଣ କରିବ ଏବଂ ୨୩ ଡିସେମ୍ବର, ୨୦୧୫ ରେ କିମ୍ବା ତା' ପୂର୍ବରୁ ରିପୋର୍ଟ ଦାଖଲ କରିବ ।

୧୯. ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶାକୁ ଯାଞ୍ଚ ଦଳର ଅଂଶବିଶେଷ ହେବାକୁ ଆବଶ୍ୟକ କରି ୨୦୧୫ ମସିହା ଡିସେମ୍ବର ୩ ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶରେ ଅସନ୍ତୁଷ୍ଟ ହୋଇ ଏମ୍.ସି.ଆଇ. ଏହି ନ୍ୟାୟାଳୟରେ ଏକ ଆବେଦନ ଯଥା ଏସ୍.ଏଲ୍.ପି. (ସି) ସଂଖ୍ୟା ୩୪୮୫୬/୨୦୧୫ ଆଗତ କରିଥିଲେ । ସ୍ୱତନ୍ତ୍ର ଅନୁମତି ମଞ୍ଜୁର କରାଯାଇଥିଲା ଏବଂ ୧୬ ଡିସେମ୍ବର, ୨୦୧୫ ରେ ଏକ ଆଦେଶ ଦ୍ୱାରା ଏହି ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା ଯାଞ୍ଚରେ ଅଂଶଗ୍ରହଣ କରିବ ନାହିଁ ।

୨୦. କେଉଁ ଶିକ୍ଷାବର୍ଷ ପାଇଁ ନୂତନ ଯାଞ୍ଚ କରାଯିବାର ଆବଶ୍ୟକତା ଥିଲା, ତାହାକୁ ନେଇ ଏହି ନ୍ୟାୟାଳୟରେ କିଛି ବିବାଦ ରହିଥିବା (ଯାହାର ସମାଧାନ ହୋଇନଥିଲା) ଜଣାପଡୁଛି । ଏମ୍.ସି.ଆଇ. ର ବିଦ୍ୱାନ ଓକିଲଙ୍କ ଅନୁଯାୟୀ ୨୦୧୬-୧୭ ବର୍ଷ ପାଇଁ ଯାଞ୍ଚ କରାଯିବାର

ଥିଲା, ଯେତେବେଳେ କି କିମ୍ସ ପକ୍ଷରୁ ଉପସ୍ଥିତ ବିଦ୍ୱାନ ଓକିଲ ଏହାକୁ ବିରୋଧ କରିଥିଲେ । ତେବେ ଏହି ନ୍ୟାୟାଳୟ ଏହି ପ୍ରସଙ୍ଗରେ କୌଣସି ପ୍ରକାରେ କିଛି ଲିପିବଦ୍ଧ କରିନଥିଲେ ।

୨୧. ବାସ୍ତବରେ ୨୦୧୬ ମସିହା ଜାନୁଆରୀ ୭ ଏବଂ ୮ ତାରିଖରେ ଏମ୍.ସି.ଆଇ. ଦ୍ୱାରା ଏକ ନୂତନ ଯାଞ୍ଚ କରାଯାଇଥିଲା ଏବଂ ଅନୁସନ୍ଧାନକାରୀ ଦଳ ପୁଣିଥରେ କିମ୍ସ ରେ ଉପଲବ୍ଧ ସୁବିଧା  ଗୁଡ଼ିକରେ ବହୁ ସଂଖ୍ୟକ ଅଭାବ ଥିବା ଜାଣିବାକୁ ପାଇଥିଲେ । ଅନୁସନ୍ଧାନକାରୀ ଦଳର ବିବୃତି ଏବଂ ଫଳସ୍ୱରୂପ ଏମ୍.ସି.ଆଇ. ଦ୍ୱାରା ହୋଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ କେନ୍ଦ୍ର ସରକାର ୧୦୦ ରୁ ୧୫୦ କୁ ବୃଦ୍ଧି କରାଯାଇଥିବା ଆସନରେ ୨୦୧୬-୧୭ ଶିକ୍ଷାବର୍ଷ ପାଇଁ ତୃତୀୟ ବ୍ୟାଚ୍ ଏମ୍.ବି.ବି.ଏସ୍. ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଅନୁମତି ନବୀକରଣ କରିବା ଉଚିତ ନୁହେଁ ।

୨୨. ଏହା ପରେ, ବିଚାରାଧୀନ ରିଟ୍ ଆବେଦନର ଶୁଣାଣି ଉଚ୍ଚ ନ୍ୟାୟାଳୟ ଦ୍ୱାରା ୧୭ ଫେବୃଆରୀ, ୨୦୧୬ ରେ କରାଯାଇଥିଲା ଏବଂ ଆକ୍ଷେପିତ ରାୟ ଓ ଆଦେଶ ୪ ମାର୍ଚ୍ଚ, ୨୦୧୬ ରେ ପ୍ରଦାନ କରାଯାଇଥିଲା ।

୨୩. ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଅନୁଧ୍ୟାନ କରିବା ଦ୍ୱାରା ସ୍ପଷ୍ଟ ଭାବେ ଜଣାପଡ଼େ ଯେ ଏହା ଯାଞ୍ଚ ଦଳର ସଦ୍ୟତମ ବିବୃତିକୁ ଏପରି ବିଚାର କରିଥିଲେ ଯେପରି ଏହା ବିବୃତି ବିରୋଧରେ ଏକ ଆବେଦନ ଉପରେ ଶୁଣାଣି କରାଯାଉଛି । ଏପରି କରିବା ସମୟରେ, ଉଚ୍ଚ ନ୍ୟାୟାଳୟ ଡାକ୍ତରଖାନାରେ ଶିକ୍ଷାଦାନ ଶଯ୍ୟା ସଂଖ୍ୟା, ବର୍ହିରୋଗୀ  ବିଭାଗର ସୀମାବଦ୍ଧତା, ସାଧାରଣ

ଔଷଧ, ଶିଶୁ ବିଭାଗ ଇତ୍ୟାଦି ସମ୍ବନ୍ଧରେ ଉପଲବ୍ଧ ୟୁନିଟ୍ ସଂଖ୍ୟା, ଶଯ୍ୟା ଅଧିଭୋଗ, ସିଜେରିଆନ୍ ବିଭାଗର ସଂଖ୍ୟା, ବଡ଼ ଏବଂ ଛୋଟ ଅସ୍ତ୍ରୋପଚାରର ତଥ୍ୟରେ ଅସଙ୍ଗତି, ଅନୁଷ୍ଠାନରେ କମ୍ପ୍ୟୁଟରୀକରଣ, ଆଇସିୟୁ ରେ ରୋଗୀଙ୍କ ସଂଖ୍ୟା, ସ୍ଥିର ଏକ୍ସ-ରେ ଯନ୍ତ୍ର ସଂଖ୍ୟା, ପରୀକ୍ଷା କକ୍ଷ, ବକ୍ତୃତା ଶାଳା, ପାଠାଗାର, ଛାତ୍ରାବାସ, ଶିକ୍ଷାର୍ଥୀ ଛାତ୍ରାବାସ, ଖେଳପଡ଼ିଆ ଇତ୍ୟାଦିର ଅଭାବ ସମ୍ବନ୍ଧୀୟ ପ୍ରସଙ୍ଗରେ ବିସ୍ତୃତ ବିବରଣୀ ଦେଇଥିଲେ । ନିଶ୍ଚିତ ଭାବେ, ସମ୍ବିଧାନର ଅନୁଚ୍ଛେଦ ୨୨୬ ଅନୁଯାୟୀ ଏହା ଉଚ୍ଚ ନ୍ୟାୟାଳୟଙ୍କ ଅଧିକାରିତା କ୍ଷେତ୍ର ମଧ୍ୟରେ ନଥିଲା ।

୨୪. ଉଚ୍ଚ ନ୍ୟାୟାଳୟ ତର୍ଜମା କରିନଥିଲେ ଯେ କିମ୍ସ ରେ ଥିବା ସୁବିଧାଗୁଡ଼ିକ ଉପରେ ନିରପେକ୍ଷ ରିପୋର୍ଟ ଦେବା ପାଇଁ ଏହି କ୍ଷେତ୍ରରେ ପ୍ରବୀଣ ସର୍ବୋତ୍ତମ ବ୍ୟକ୍ତି ତଥା ପ୍ରତିଷ୍ଠିତ ଡାକ୍ତରୀ ଅନୁଷ୍ଠାନର ବିଶିଷ୍ଟ ପ୍ରଫେସରମାନଙ୍କ ଦ୍ୱାରା ଏହି ଯାଞ୍ଚ କରାଯାଇଥିଲା । ସମ୍ବିଧାନର ଧାରା ୨୨୬ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କୁ ନିଶ୍ଚିତ ଭାବରେ ଯାଞ୍ଚ ବିବୃତିର ବିଷୟବସ୍ତୁକୁ ସୂକ୍ଷ୍ମ ଭାବରେ ଯାଞ୍ଚ କରିବାକୁ ଏବଂ ଏହାର ୧୮ ଟି ତାଲିକା ମଧ୍ୟରୁ ପ୍ରତ୍ୟେକ ବିଷୟରେ କିମ୍ସର ଆପତ୍ତି ବିରୁଦ୍ଧରେ ବିଚାର କରିବାକୁ ଦାୟିତ୍ୱ ଦିଆଯାଇନଥିଲା । ଆମ ମତରେ, ଉଚ୍ଚ ନ୍ୟାୟାଳୟ ଗମ୍ଭୀର ଭାବରେ ବିବାଦୀୟ ତଥ୍ୟଗତ ପ୍ରସଙ୍ଗରେ ପ୍ରବେଶ କରିବାରେ ଏହି ସମ୍ବନ୍ଧରେ ଏହାର ଅଧିକାରିତା କ୍ଷେତ୍ରକୁ ସ୍ପଷ୍ଟ ଭାବରେ ଅତିକ୍ରମ କରିଛନ୍ତି ।

୨୫. କିମ୍ସ ଏବଂ ଛାତ୍ରମାନଙ୍କ ପାଇଁ ବିଦ୍ୱାନ ଓକିଲମାନେ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ଅନୁସନ୍ଧାନକାରୀ ଦଳର ବିବୃତିକୁ ଗମ୍ଭୀର ଭାବରେ ଯାଞ୍ଚ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା କାରଣ ଏହା ବାସ୍ତବରେ ଭୁଲ ଥିଲା ଏବଂ ୨୦୧୫-

୧୬ କିମ୍ବା ୨୦୧୬-୧୭ ଶିକ୍ଷାବର୍ଷ ପାଇଁ ଧାରଣ କ୍ଷମତା ସଂଖ୍ୟା ବୃଦ୍ଧି ପାଇଁ ନିର୍ଭରଶୀଳ ହେବାର ଯୋଗ୍ୟ ନଥିଲା । ବିଦ୍ୱାନ ଓକିଲଙ୍କ ନିବେଦନକୁ ଗ୍ରହଣ କରିବାର କୌଣସି କାରଣ ଆମେ ଦେଖୁନାହୁଁ ।

୨୬. ଡାକ୍ତରୀ ଶିକ୍ଷାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନିଆଯିବା ଉଚିତ ଏବଂ ଯେତେବେଳେ ଏକ ବିଶେଷଜ୍ଞ ସଂସ୍ଥା ପ୍ରମାଣିତ କରେ ଯେ ଏକ ମେଡ଼ିକାଲ କଲେଜରେ ସୁବିଧା ପର୍ଯ୍ୟାପ୍ତ ନୁହେଁ, ସେତେବେଳେ ଯାଞ୍ଚ ଦଳର *କୁତ୍ସିତ ବିଚାରଧାରା*, ଯାଞ୍ଚ ବିବୃତିରେ *ଆପାତତଃ* ବିକୃତି, ଏମ୍.ସି.ଆଇ. ତରଫରୁ ନ୍ୟାୟିକ ତ୍ରୁଟି ଇତ୍ୟାଦି ଅତ୍ୟନ୍ତ ଦୃଢ଼ ନ୍ୟାୟିକ କାରଣ ବ୍ୟତୀତ ଏହି ପ୍ରସଙ୍ଗରେ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିବାକୁ ନ୍ୟାୟାଳୟ ଅଧିକୃତ ନୁହଁନ୍ତି । କୌଣସି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ଏହି ବିବୃତିକୁ ଏକ ଆବେଦନ ସଂସ୍ଥା ଭାବରେ ଯାଞ୍ଚ କରିବା ଉଚିତ୍ ନୁହେଁ - ସରଳ ଭାବେ ଏହା ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟ ନୁହେଁ । ବର୍ତ୍ତମାନ ମାମଲାରେ ଯାଞ୍ଚ ଦଳର ବିବୃତିକୁ ଅଗ୍ରାହ୍ୟ କରିବା ପାଇଁ ଆଇନରେ କୌଣସି ଆଧାର ନଥିଲା ।

୨୭. ଉଚ୍ଚ ନ୍ୟାୟାଳୟଙ୍କ ମତ ଥିଲା ଯେ ଅନୁସନ୍ଧାନକାରୀ ଦଳ ୨୦୧୫-୧୬ ଶିକ୍ଷାବର୍ଷ ସନ୍ଦର୍ଭରେ ଯାଞ୍ଚ କରିବା ଆବଶ୍ୟକ ଥିଲା, କିନ୍ତୁ ବିବୃତି ୨୦୧୬-୧୭ ଶିକ୍ଷାବର୍ଷ ସହିତ ଜଡିତ । ଯଦି ତାହା ଏପରି ହୋଇଥାଆନ୍ତା, ତେବେ ଉଚ୍ଚ ନ୍ୟାୟାଳୟ ୨୦୧୬-୧୭ ଶିକ୍ଷାବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା ଯାଞ୍ଚ ବିବୃତିକୁ ଯାଞ୍ଚ ଏବଂ ତନଖି କରିବା ବ୍ୟତୀତ, ଏହି ସମ୍ବନ୍ଧରେ ଏକ ଉପଯୁକ୍ତ ଆଦେଶ ପାରିତ କରିଥାଆନ୍ତେ, ଯେଉଁ ଶିକ୍ଷାବର୍ଷଟି ଏହାଙ୍କ ସମ୍ମୁଖରେ ଆଦୌ ବିଚାର କିମ୍ବା ଆଲୋଚନାର ବିଷୟ ନଥିଲା । ଅଧିକନ୍ତୁ, ୨୦୧୬-୧୭ ଶିକ୍ଷାବର୍ଷ ପାଇଁ ଯାଞ୍ଚ ବିବୃତିର ଅବୈଧତା ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ଯାଞ୍ଚ ବିବୃତିକୁ

ସ୍ୱୟଂଚାଳିତ ଭାବରେ ଅବୈଧ କରିବ ନାହିଁ । ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ ଏକ ଅଣ-ପ୍ରସଙ୍ଗର ବିଚାର କରିବା ପାଇଁ ନିଜର ଶକ୍ତି ଖର୍ଚ୍ଚ କରିଥିଲେ ।

୨୮. ଆମ ପାଇଁ ଏହା ପ୍ରତୀୟମାନ ହେଉଛି ଯେ କେନ୍ଦ୍ର ସରକାର ଦ୍ୱିତୀୟ ଥର (ଏବଂ ସମ୍ଭବତଃ ପ୍ରଥମ ଥର ମଧ୍ୟ) କିମ୍ସ କୁ ବ୍ୟକ୍ତିଗତ ଶୁଣାଣି ପ୍ରଦାନ କରିଥିବାରୁ, ଉଭୟ ଏମ୍.ସି.ଆଇ. ଏବଂ କେନ୍ଦ୍ର ସରକାର ନିରପେକ୍ଷ ମେଡ଼ିକାଲ ପ୍ରଫେସରମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଯାଞ୍ଚ ବିବୃତିକୁ ଦୁଇଥର ବିଚାର କରିଥିବାରୁ ଅନ୍ତତଃ ପକ୍ଷେ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ଅନ୍ତିମ ନିର୍ଣ୍ଣୟ ପ୍ରଦାନ କରାଯିବା ଉଚିତ ହୋଇଥାନ୍ତା ।

୨୯. ଏହା ବ୍ୟତୀତ, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଏହାଙ୍କ ୨୫ ସେପ୍ଟେମ୍ବର, ୨୦୧୫ ଆଦେଶ ଦ୍ୱାରା ଛାତ୍ରମାନଙ୍କ ନାମଲେଖା ନିର୍ଦ୍ଦେଶ ଦେବାରେ ଅଧିକ ସତର୍କ ରହିବା ଉଚିତ୍ ଥିଲା । ଯେଉଁ କ୍ଷେତ୍ରରେ ଏମ୍.ସି.ଆଇ. ଚାଲିବାକୁ ଭୟ କରୁଥିଲା, ସେଠାକୁ ଉଚ୍ଚ ନ୍ୟାୟାଳୟ ତୁରନ୍ତ ଯିବାର କୌଣସି ଆବଶ୍ୟକତା ନଥିଲା । ଏକ ଶିକ୍ଷାନୁଷ୍ଠାନରେ ଛାତ୍ରମାନଙ୍କୁ ନାମ ଲେଖାଇବାରେ ଯେତେବେଳେ ଏକ ଗମ୍ଭୀର ସନ୍ଦେହ ଥାଏ ଯେ ନାମ ଲେଖାଇବା ମଞ୍ଜୁର କରାଯିବା ଉଚିତ କି ନାହିଁ ତାହା ହାଲୁକା ଭାବରେ ନିଆଯିବା ବିଷୟ ନୁହେଁ । ସର୍ବପ୍ରଥମେ ଜଣେ ଛାତ୍ରଙ୍କ ଭବିଷ୍ୟତ ଏଥିରେ ଜଡ଼ିତ - ଯଦି ତାଙ୍କର ନାମଲେଖା ବେଆଇନ ବୋଲି ଜଣାପଡ଼େ କିମ୍ବା ବାତିଲ ହୋଇଯାଏ, ତେବେ ଜଣେ ଛାତ୍ର କ'ଣ କରିବେ ? ଏହା ତାଙ୍କ ପାଇଁ ଏକ ବଡ଼ ସମୟର ଅପଚୟ ନୁହେଁ କି ? ଏହା କହିବା ଯଥେଷ୍ଟ କି ଯେ ଛାତ୍ର ଜଣକ ତାଙ୍କ ସପକ୍ଷରେ କୌଣସି ସମାନତା ଦାବି କରିବେ ନାହିଁ ? ବିଦ୍ୟାର୍ଥୀଙ୍କୁ

ତାଙ୍କର ନାମଲେଖା ଏକ ବିଚାରାଧୀନ ମକଦ୍ଦମାର ଫଳାଫଳ ଉପରେ ନିର୍ଭର କରେ ବୋଲି କହିବା ଯଥେଷ୍ଟ କି ? ଏହି ସମସ୍ତ ପ୍ରଶ୍ନ ଯାହା ଏଠାରେ ଉଠୁଛି ଏବଂ ଯାହାର କୌଣସି ସହଜ ଉତ୍ତର ନାହିଁ । ସାଧାରଣତଃ କହିବାକୁ ଗଲେ, ଡାମୋକ୍ଲିସ୍ ଙ୍କ ଖଣ୍ଡା ତାଙ୍କ ଉପରେ ଝୁଲାଇବା ପରିବର୍ତ୍ତେ ସତର୍କତା ଭାବରେ ଭୁଲ କରିବା ଏବଂ ଜଣେ ଛାତ୍ରଙ୍କୁ ନାମ ଲେଖାଇବାକୁ ମନା କରିବା ଭଲ । ସେଥିରେ ଅନ୍ତତଃ କିଛିଟା ନିଶ୍ଚିତତା ଥିବ ।

୩୦. ଏହି ମାମଲାକୁ ଯେଉଁଭଳି ଭାବେ ବିଚାରକୁ ନିଆଯାଉ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ, ବିଶେଷ କରି ୨୫ ସେପ୍ଟେମ୍ବର, ୨୦୧୫ ତାରିଖର ଆଦେଶ ଏବଂ ୪ ମାର୍ଚ୍ଚ, ୨୦୧୬ ତାରିଖର ଆଦେଶ ପାଇଁ ଆମେ କୌଣସି ଯଥାର୍ଥତା ପାଉନାହୁଁ ।

୩୧. କିମ୍ସ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା ଯେ କେନ୍ଦ୍ର ସରକାର ଉଚ୍ଚ ନ୍ୟାୟାଳୟଙ୍କଙ୍କ ନିର୍ଣ୍ଣୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ ବାସ୍ତବରେ ଏହା ୨୬ ଏପ୍ରିଲ, ୨୦୧୬ ରେ ଏହି ସମ୍ବନ୍ଧରେ ଏକ ଆଦେଶ ଜାରି କରିଛନ୍ତି । ଆମେ ୨୬ ଏପ୍ରିଲ, ୨୦୧୬ ର ଆଦେଶକୁ ଅନୁଧ୍ୟାନ କରି ଜାଣିବାକୁ ପାଇଛୁ ଯେ ୨୦୧୫-୧୬ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଜାରି ରଖିବା ପାଇଁ ଦିଆଯାଇଥିବା ଅନୁମତି ଏହି ଆବେଦନରେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ଅଟେ । ଯେହେତୁ ଆମେ ଆବେଦନକୁ ଅନୁମତି ଦେଉଛୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ଖାରଜ କରୁଛୁ, ତେଣୁ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୬ ଏପ୍ରିଲ, ୨୦୧୬ ରେ ପାରିତ ଆଦେଶର କୌଣସି ପ୍ରଭାବ ନାହିଁ ଏବଂ କିମ୍ସ କିମ୍ବା ଛାତ୍ରମାନଙ୍କ ସହାୟତା ପାଇଁ ଆସୁନାହିଁ ।

୩୨. କିମ୍ସ ଏବଂ ଛାତ୍ରମାନଙ୍କ ପାଇଁ ବିଦ୍ୱାନ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଯଦି ଏହି ଆବେଦନ ଖାରଜ ନହୁଏ, ତେବେ ଏହାର ପରିଣାମ ସ୍ୱରୂପ ଛାତ୍ରଛାତ୍ରୀମାନେ ଦୁଇ ବର୍ଷର ଅଧ୍ୟୟନ ହରାଇବେ । ଏହା ହୋଇପାରେ - କିନ୍ତୁ ଏପରି ପରିସ୍ଥିତି ଯଦି ଅତିକ୍ରମ କରିବାକୁ ସୃଷ୍ଟି ହୋଇଛି, ତେବେ କିମ୍ସ୍ କୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରାଯିବ । କେନ୍ଦ୍ର ସରକାର ଏହାଙ୍କ ୧୫ ଜୁନ୍, ୨୦୧୫ ତାରିଖର ଚିଠିରେ 'କିମ୍ସ' କୁ ଛାତ୍ରଛାତ୍ରୀଙ୍କୁ ପ୍ରବେଶ ଅନୁମତି ନଦେବାକୁ ନିର୍ଦ୍ଦିଷ୍ଟ ଭାବେ କହିଥିଲେ । ଏହା ସତ୍ତ୍ୱେ କିମ୍ସ୍ କୌଣସି ନା କୌଣସି ପ୍ରକାରେ ୫୦ ଜଣ ଅତିରିକ୍ତ ଛାତ୍ରଙ୍କୁ ସ୍ଥାନ ଦେବା ପାଇଁ ମକଦ୍ଦମା ଜାରି ରଖିଥିଲା । ଏହା ନିଶ୍ଚିତ ଭାବରେ ଏକ ଦାତବ୍ୟ ଉଦ୍ଦେଶ୍ୟ ସହିତ ନଥିଲା । ଏକ ଅନୁଷ୍ଠାନ ଭାବରେ ଛାତ୍ରମାନଙ୍କ କଲ୍ୟାଣ ପ୍ରତି କିଛି ଦାୟିତ୍ୱ ରହିବା ଉଚିତ୍, କିମ୍ସ ପାଇଁ ସେମାନଙ୍କ ଭବିଷ୍ୟତକୁ ବିପଦରେ ପକାଇବା ପରିବର୍ତ୍ତେ ୫୦ ଅତିରିକ୍ତ ଛାତ୍ରଙ୍କୁ ନାମ ଲେଖାଇବାଠାରୁ ଦୂରେଇ ରଖିବା ଅଧିକ ଉପଯୁକ୍ତ ହୋଇଥାନ୍ତା ।

୩୩. ତେବେ, କିମ୍ସ ର ତ୍ରୁଟି ପାଇଁ ଛାତ୍ରଛାତ୍ରୀମାନେ ପୀଡ଼ିତ ହେବା ଉଚିତ ନୁହେଁ କିମ୍ବା କିମ୍ସ ମୁକ୍ତ ଭାବରେ ପଳାୟନ କରିବା ଉଚିତ ନୁହେଁ । ଦୁଃସାହସିକ ମକଦ୍ଦମାରେ ଅନ୍ତର୍ନିରୀକ୍ଷଣ ଏବଂ ଉଦ୍ୟମ କରିବାରେ ଏହାର ଅକ୍ଷମତା ପାଇଁ କିମ୍ସ୍ କୁ ମୂଲ୍ୟ ଦେବାକୁ ପଡିବ । ତଦନୁସାରେ, ଆମେ ନିମ୍ନମତେ ନିର୍ଦ୍ଦେଶ ଦେଉଛୁ:

୧. ୨୫ ସେପ୍ଟେମ୍ବର, ୨୦୧୫ ରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏବଂ ୨୮ ସେପ୍ଟେମ୍ବର, ୨୦୧୫ ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା କେବଳ ଅସ୍ଥାୟୀ ଅନୁମତି ଅନୁଯାୟୀ ୫୦ ଜଣ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ

ଦିଆଯାଇଥିବା ମଞ୍ଜୁରୀ ରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ସେମାନଙ୍କ ଉପରେ ଅଯଥା ଚାପ ପକାଇବା ବିନା ଛାତ୍ରଛାତ୍ରୀମାନେ କିପରି ସେମାନଙ୍କର ପାଠ୍ୟକ୍ରମ ସମାପ୍ତ କରିବେ ତାହା ସମ୍ପୂର୍ଣ୍ଣ ଭାବେ ଏମ୍.ସି.ଆଇ. ଏବଂ କିମ୍ସ ଏବଂ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ।

୨. ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳିଥିବାରୁ ଏବଂ ସେମାନଙ୍କ ପାଇଁ ସୃଷ୍ଟି କରିଥିବା ବିଶୃଙ୍ଖଳା ଯୋଗୁଁ କିମ୍ସ ଉପରେ ୫ କୋଟି ଟଙ୍କା ଖର୍ଚ୍ଚାଦେୟ ଧାର୍ଯ୍ୟ କରାଯାଇଛି । ଆଜିଠାରୁ ଛଅ ସପ୍ତାହ ମଧ୍ୟରେ କିମ୍ସ ଦ୍ୱାରା ଏହି ଅର୍ଥ ଏହି ନ୍ୟାୟାଳୟର ରେଜିଷ୍ଟ୍ରିରେ ଜମା କରାଯିବ । ଖର୍ଚ୍ଚ ପାଇଁ ଜମା କରାଯାଇଥିବା ୫ କୋଟି ଟଙ୍କା କୌଣସି ଛାତ୍ରଙ୍କଠାରୁ କୌଣସି ପ୍ରକାରେ ଆଦାୟ କରାଯିବ ନାହିଁ କିମ୍ବା ବର୍ତ୍ତମାନର କିମ୍ବା ପରବର୍ତ୍ତୀ ଶ୍ରେଣୀର କୌଣସି ଛାତ୍ରମାନଙ୍କ ପାଇଁ ଦେୟ କିମ୍ବା ସୁବିଧାର ବ୍ୟବସ୍ଥା ସହିତ ବ୍ୟବସ୍ଥିତ କରାଯିବ ନାହିଁ ।

୩. ୨୦୧୬-୧୭ ଏବଂ ୨୦୧୭-୨୦୧୮ ଶିକ୍ଷାବର୍ଷରେ ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ପାଇଁ ଛାତ୍ର ଧାରଣ କ୍ଷମତାକୁ ୧୦୦ ରୁ ୧୫୦ କୁ ବୃଦ୍ଧି କରିବାକୁ କିମ୍ସ କୁ ବାରଣ କରାଯାଇଛି । ଏମ୍.ସି.ଆଇ. ଏବଂ କେନ୍ଦ୍ର ସରକାର ଏହି ନିର୍ଦ୍ଦେଶର କଠୋର ଅନୁପାଳନ ଲାଗୁ କରିବେ ।

୪. ୧୫ ଜୁନ, ୨୦୧୫ ରେ କେନ୍ଦ୍ର ସରକାରଙ୍କ ଚିଠିରେ ଉଲ୍ଲେଖ କରାଯାଇଥିବା ପରି ଭାରତୀୟ ମେଡ଼ିକାଲ ପରିଷଦ ପ୍ରତିଷ୍ଠାନ ମେଡ଼ିକାଲ କଲେଜ ନିୟମାବଳୀ,

୧୯୯୯ (ସଂଶୋଧିତ) ର ଖଣ୍ଡ ୮ (୩) ଅନୁଯାୟୀ ଏମ୍.ସି.ଆଇ. କିମ୍ବା କେନ୍ଦ୍ର ସରକାର କିମ୍ବ (ଯଦି ଉଚିତ ବୋଲି ବିବେଚନା କରାଯାଏ) ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

୫. ଆବେଦନଟିର ଶୁଣାଣି ସମୟରେ, ଆମକୁ ଅବଗତ କରାଯାଇଥିଲା ଯେ ଭାରତୀୟ ମେଡିକାଲ ପରିଷଦ ପ୍ରତିଷ୍ଠାନ ମେଡିକାଲ କଲେଜ ବିନିୟମ, ୧୯୯୯ ଦ୍ୱାରା ସ୍ୱୀକାର୍ଯ୍ୟ କରାଯାଇଥିବା ପରି ଏକ ଯାଞ୍ଚ କିମ୍ବା ମୂଲ୍ୟାଙ୍କନ କରିବା ପାଇଁ ଏମ୍.ସି.ଆଇ. ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥିର କିମ୍ବା ନିର୍ଦ୍ଧାରିତ ପ୍ରକ୍ରିୟା ନାହିଁ । ଏକ ମୂଲ୍ୟାଙ୍କନ ସଞ୍ଚାଳନ ପାଇଁ ପ୍ରତ୍ୟେକ ଯାଞ୍ଚ ଦଳ ନିଜସ୍ୱ ପ୍ରକ୍ରିୟା ଅନୁସରଣ କରିବା ପରିବର୍ତ୍ତେ, ଏମ୍.ସି.ଆଇ. କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି ଭାରତୀୟ ମେଡିକାଲ୍ ପରିଷଦ ପ୍ରତିଷ୍ଠାନ ମେଡିକାଲ୍ କଲେଜ ବିନିୟମ, ୧୯୯୯ ଦ୍ୱାରା ଆବଶ୍ୟକ ହେଉଥିବା ଅନୁଯାୟୀ ଏକ ଯାଞ୍ଚ କରିବା ପାଇଁ ଏକ ମାନକ ସଞ୍ଚାଳନ ପ୍ରକ୍ରିୟା ପ୍ରସ୍ତୁତ କରିବା ଉଚିତ୍ । ମାନକ ସଞ୍ଚାଳନ ପ୍ରକ୍ରିୟା ଆଜିଠାରୁ ଛଅ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ହେବା ଉଚିତ ଏବଂ ଏମ୍.ସି.ଆଇ. ର ୱେବସାଇଟରେ ଉପଲବ୍ଧ ହେବା ଉଚିତ୍ ।

୬. ମେଡ଼ିକାଲ କଲେଜ ଗୁଡ଼ିକରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ପାଇଁ, ଯାଞ୍ଚ ଦଳର ବିବୃତି କିମ୍ବା ମୂଲ୍ୟାଙ୍କନ ସମ୍ପୃକ୍ତ ମେଡ଼ିକାଲ କଲେଜର ୱେବସାଇଟରେ ଏବଂ ଏମ୍.ସି.ଆଇ. ର ୱେବସାଇଟରେ ମଧ୍ୟ ରଖିବା ଉଚିତ, ଯାହାଦ୍ୱାରା ସମ୍ଭାବ୍ୟ ଛାତ୍ରଛାତ୍ରୀମାନେ ସେମାନଙ୍କ ପାଇଁ କ'ଣ ସମ୍ଭାବନା ରହିଛି ସେ ବିଷୟରେ ଅବଗତ

ହୋଇପାରିବେ । ସେହିଭଳି, ବିବୃତି ଉପରେ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ସମ୍ପୃକ୍ତ ମେଡ଼ିକାଲ କଲେଜର ୱେବସାଇଟରେ ଏବଂ ଏମ୍.ସି.ଆଇ. ର ୱେବସାଇଟରେ ମଧ୍ୟ ରଖାଯିବା ଉଚିତ୍ ।

୩୪. ଦ୍ୱିତୀୟ ଏବଂ ପଞ୍ଚମ ନିର୍ଦ୍ଦେଶର ଅନୁପାଳନ ସୁନିଶ୍ଚିତ କରିବାକୁ ଏବଂ ଚତୁର୍ଥ ଓ ଷଷ୍ଠ ନିର୍ଦ୍ଦେଶରେ ଏକ ଅଦ୍ୟତନ ପାଇଁ ଜୁଲାଇ, ୨୦୧୬ ର ପ୍ରଥମ ସପ୍ତାହରେ ଆବେଦନକୁ ତାଲିକାଭୁକ୍ତ କରନ୍ତୁ ।

୩୫. ଉପରୋକ୍ତ ସର୍ତ୍ତାବଳୀ ଆଧାରରେ ଆବେଦନଟିକୁ ଫଇସଲା କରାଯାଇଛି ।

**.................ନ୍ୟାୟମୂର୍ତ୍ତି**
**(ମଦନ ବି. ଲୋକୁର)**

**................ ନ୍ୟାୟମୂର୍ତ୍ତି**
**(ଏନ୍. ଭି. ରମଣା)**

**ନୂଆ ଦିଲ୍ଲୀ;**
***୬ ମେ, ୨୦୧୬***

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*
Subodh Rout,
Translator, High Court of Orissa